ପଣ୍ଡୁ ମହାରାଜାଙ୍କର ଧୃତରାଷ୍ଟ୍ରଙ୍କ ସହିତ ସାକ୍ଷାତ ଓ ମାଦ୍ରୀ ସହ ବିଭା

ଧାତିକାରେ ବିଜେ କଲେ ପଣ୍ଡୁରାଜ ସ୍ୱାମୀ
ଧୃତରାଷ୍ଟଙ୍କର ଚରଣେ ହୋଇଲେ ପରିଣାମି । ୧ ।
ଗାନ୍ଧାରୀ ଅନ୍ତର ହୋଇଲେ ଦେଖିଣ ରାଜାଙ୍କୁ
ସଂଜୟେ କହିଲେ ରାଜା ଧୃତ ଯେ ରାଷ୍ଟଙ୍କୁ । ୨ ।
ପଣ୍ଡୁ ବିଜେ କଲେ ହୋ ଶୁଣ ଧୃତରାଷ୍ଟ
ବାଞ୍ଛାସିଦ୍ଧ ହୋଉ ବୋଇଲେ ମନରେ ମହାତୁଷ୍ଟ । ୩ ।
ପଣ୍ଡୁ ବୋଇଲେ ତୁ ହୋ ଶୁଣସି କୁରୁପତି
ମୁହିଂ କେଉଂଣ ବାଗେ ତୁମ୍ଭଙ୍କୁ ନୋହିଲି ଭଗତି । ୪ ।
ତୋହୋର ଭଗତେ ମୁଂ ବ୍ରତଇ ସର୍ବକାଳେ
ତୁ ମୋତେ ପାପ ମନ ଧଇଲୁ ବକ୍ଷସ୍ଥଳେ । ୫ ।
ସ୍ୱାମୀ ମୋହୋର ସଂପଦ ଦେଖି ଉଷତ ନୋହିଲୁ
ସାବତ ସଂପଦ ବୋଲି ସେ ମୋତେ ଯେ ବୋଇଲୁ । ୬ ।
ଅମନାତ୍ୟ ପୁରୋହିତେ ସେ ହକାରିଲେ ନୃପତି
ଭୂରିଶ୍ରବା ଶାୟେନ୍ତନୁ ଭୀଷ୍ମ ମହାରଥୀ । ୭ ।
ଆଜହୁଂ ସଂକଳ୍ପ ମୋର ହୋଇଲା ନିୟମ
ଧୃତରାଷ୍ଟଙ୍କୁ ସମର୍ପିଲି ଦଣ୍ଡ ସମସ୍ତ ରାଜ୍ୟଧର୍ମ । ୮ ।
ୟେ ପଞ୍ଝୁ କଟକେ ସ୍ୱାମୀ ତୁହି ସେ ଅଧିକାରୀ
ସଂସାର ପାଳିଣ ତୁ ଭୋଗ କର ବସୁନ୍ଧରୀ । ୯ ।

--------------------

୧ ।୨ ହୋଇଲେ ପରିମାଣି-ପ୍ରଣାମ କଲେ

ସଂଜୟେ କହିଲେ ହୋ ଅନ୍ଧ କାହିଂ ନୃପ
ୟେହାରେ ଧ୍ୱଂସି ହୋଅଇ କି ରିପୁବଳ ଦର୍ପ? ୧୦ ।
ପଣ୍ଡୁ ବୋଇଲେ ମୁଂ ବନସ୍ତରେ ଥିବି
ପଞ୍ଝୁ କଟକ ରାଜ୍ୟ ମୁଂ ନିତ୍ୟେହେଂ ଭ୍ରମିବି । ୧୧ ।
ଦୁଷ୍ଟ ଚୋର ଦାନେବ ମୁଂ ସମସ୍ତ ମାରିବି
ଧୃତରାଷ୍ଟ ଆଗ୍ୟାଂ ମୁଂ ଶିରରେ ଧରିଥିବି । ୧୨ ।
ମୋହୋର ତହୁଂ ଅଧିକ ଭଗତି ହୋଇଥିବ ସଭିୟେଂ ଧୃତରାଷ୍ଟଙ୍କୁ
ଅନୀତି ହୋଇଲେ କହିବ ଯାଇଂ ମୁକୁ । ୧୩ ।
ଧୃତରାଷ୍ଟଙ୍କୁ ରାଜ୍ୟ ଦେଇ ପଣ୍ଡୁ ଯେ ନୃପତି
ରାଜ୍ୟରୁ ବାହାର ହୋଇଲେ ତୁଲେଣ ଦେବୀ କୁନ୍ତୀ । ୧୪ ।
ଭ୍ରମଇ ନରନାଥ ଗହନ ବିପିନେ
ମହା ପରିମଳ ଦିଶନ୍ତି ଉଚ୍ଚ ବୃକ୍ଷମାନେ । ୧୫ ।
ୟେମନ୍ତେଣ ପଣ୍ଡୁ ଭ୍ରମଇ ଘୋର ବନେ
ହସ୍ତିନାର ଈଶାନ୍ୟ ଭାଗେ ବୃନ୍ଦାଅର୍କ ବନେ । ୧୬ ।
ଯମୁନା ନଦୀ ଯେ ବହଇ ଉତ୍ତରଗାମୀ amuna flowing northwards
ଶତଶିଂଗ ପର୍ବତରେ ରହିଲେ ପଣ୍ଡୁଦେବ ସ୍ୱାମୀ । ୧୭ ।
ପାର୍ବଣ ଜୋତିଷପୁର ରାଜା ଭଗବାନ
ମଦନାବତୀ ବୋଲି ତାହାର ଭାରିଯା ବିଦ୍ୟମାନ । ୧୮ ।
ବନେ ମୃଗୟା ବିନୋଦ ସେ କରଇ ଭଗବାନ ନୃପତି
ମାଦ୍ରି ବୋଲିଣ ତାହାର ଦୁହିତା ଉତପତ୍ତି । ୧୯ ।
ବନେଣ ଭ୍ରମନ୍ତେ ସେ ପଣ୍ଡୁଙ୍କୁ ଭେଟିଲା
ମାଦ୍ରୀ କନ୍ୟାକୁ ରାୟେ ପ୍ରଦାନ କରିଦିଲା । ୨୦ ।

ଅନେକ ସମ୍ପର୍କେ ରାଜା ଦିଲାକ କୁମାରୀ
କୋଇନ୍ତା ମାଦ୍ରୀଙ୍କି ଘେନି ପଣ୍ଡୁ ରହିଲେ ଶତଶିଂଗ ଗିରି । ୨୧ ।
ବେନି ଭାରିଯାନ୍ତ ଘେନି ପଣ୍ଡୁ ବିହଡନ୍ତି ବନେ
ଯମପ୍ରଶସ୍ତ, ଇନ୍ଦ୍ରପ୍ରଶସ୍ତ, ହସ୍ତିନା, ବାରୁଣା, ଜଇନ୍ତା ଭ୍ରମଇ ପ୍ରତିଦିନେ । ୨୨ ।
ପ୍ରତିଦିନ ଦୁଷ୍ଟ ରାକ୍ଷସ ମାନନ୍ତ ମାରଇ ଯେ ଖେଦି
ଆପଣେ ଦୁଖେ ପଡଇ ଧୃତରାଷ୍ଟଙ୍କୁ ରାଜ୍ୟ ପରସିଦ୍ଧି । ୨୩ ।
ସିଂଘ ଶୁକଳ ତ୍ରୟୋଦଶୀ ଶଉରୀ ଯେ ବାର
ଶତଭିଷା ନକ୍ଷତ୍ର ଅଟଇ ବେଳ ଦଣ୍ଡ ତେର । ୨୪ । horoscope
ତୈତିଳ ନାମେ କରଣ ଶୂଳ ନାମେ ଯୋଗ
ସିଂଘ ସଂକରାନ୍ତିକି ଅଣତିରିଶ ଦିନ ଭୋଗ । ୨୫-୧୬୧୯ । horoscope
-----------------------
୧୨ ଦୁଷ୍ଟ ଚଉର୍ଯ୍ୟ ଦାନବ ମାରିବି ମୁଂ ଜାଣି
ଧୃତରାଷ୍ଟ ଆଗ୍ୟାଂ ୟେଥକୁ ହୋଇବ ଧାରଣୀ । (ପା)
୧୫ ।୨ ମହା ପରିମଳ ଦିଶନ୍ତି ଉଚ୍ଚ ଶାଳମାନେ । (ପା)
୨୩ ।୨ ଆପଣେ ଦୁଖେ ପଡଇ ଧୃତରାଷ୍ଟଙ୍କୁ ରାଜ ସିଦ୍ଧି
ଆପଣେ ଦୁଖେ ପଡଇ ଧୃତରାଷ୍ଟଙ୍କୁ ଦିୟେ ରାଜ୍ୟ ସଂପତ୍ତି । (ପା)
୨୫ ।୨ ସିଂଘ ସଂକରାନ୍ତି ଉଣେଇଶ ଦିନ ଭୋଗ । (ପା)
୨୨ ।୧ ଦିହଡନ୍ତି- ବିହରନ୍ତି
*************